# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 August – 2025**

## ଏସ୍‌ସି-ଏସ୍‌ଟି ସମ୍ମିଳନୀ

ଦୁଇଦିନିଆ ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଜାତୀୟ ସମ୍ମିଳନୀର ଆଜି ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଯୋଗଦେବେ । ଭୁବନେଶ୍ୱର ଲୋକସେବା ଭବନରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଅଧିବେଶନ ଆରମ୍ଭ ହେବ । ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭା ଉପାଧ୍ୟକ୍ଷ ଶ୍ରୀ ହରିବଂଶ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଫଗନ ସିଂହ କୁଲସ୍ତେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅନସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଦଳମତ ଊର୍ଦ୍ଧ୍ୱରେ ଥାଇ ଏହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନେଇଥାନ୍ତି ବୋଲି ଗତକାଲି ଉଦ୍‌ଘାଟନୀ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି ଓମ୍ ବିର୍ଲା କହିଥିଲେ ।

## ବିକଶିତ ଭାରତ

ବିକଶିତ ଓଡ଼ିଶା ଗଠନ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶ ସରକାରଙ୍କ ଅଭିବୃଦ୍ଧି ଇଞ୍ଜିନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଭୁବନେଶ୍ୱରଠାରେ 'ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଏବଂ ଲଘୁ ଉଦ୍ୟୋଗ ଭାରତୀ' ପକ୍ଷରୁ ଆୟୋଜିତ 'ବିକଶିତ ଓଡ଼ିଶା-୨୦୩୬' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି ଦେଶର ସର୍ବଶ୍ରେଷ୍ଠ ୫ଟି ବିକଶିତ ରାଜ୍ୟ ମଧ୍ୟରେ ଓଡ଼ିଶାକୁ ସ୍ଥାନ ଦେବା ସରକାରଙ୍କ ଲକ୍ଷ୍ୟ । ଆସନ୍ତା ମାସରେ ହେବାକୁ ଥିବା ଜିଏସ୍‌ଟି ସଂସ୍କାର ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବିରାଟ

ପରିବର୍ତ୍ତନ ଆଣିବ । ଖଣିଜ ସମ୍ପଦର ଉପଯୋଗରେ ରାଜ୍ୟକୁ ଶିଳ୍ପସମୃଦ୍ଧ କରିବା ସହିତ ଏକ ଉଦ୍ୟୋଗ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ଚେଷ୍ଟା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୫ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

## ଆଇନ୍ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ରାଜ୍ୟରେ ବେଆଇନ୍ ମାଦକଦ୍ରବ୍ୟ ବିକ୍ରି ଓ ଚୋରାଚାଲାଣ ଉପରେ କଟକଣା ଲଗାଇବା ପାଇଁ ଆସନ୍ତା ୧ ତାରିଖରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ ବୋଲି ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ନିଶା ନିବାରଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଏକ ମଡେଲ ନିଶା ନିବାରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଚଢ଼ଉ ବ୍ୟାପକ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଛନ୍ତି ।

## ଏନ୍‌ଏସି ଘୋଷଣା

ରାଜ୍ୟରେ ନୂତନ ପୌରପାଳିକା ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା ଆସନ୍ତାକାଲି ହେବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରାଜ୍ୟରେ ସହରୀକରଣ ବୃଦ୍ଧି ନେଇ ସରକାରଙ୍କର ପ୍ରସ୍ତାବ ରହିଛି ବୋଲି ସେ କହିଛନ୍ତି। ରାଜ୍ୟରେ ସହରୀକରଣ ୧୭ ପ୍ରତିଶତରୁ ୪୦ ପ୍ରତିଶତକୁ ବୃଦ୍ଧି କରାଯିବ । ଏଥିସହ ପ୍ରମୁଖ ସହରଗୁଡ଼ିକୁ ଏନ୍‌ଏସିରେ ସାମିଲ କରାଯିବା ପାଇଁ ବୃହତ ଯୋଜନା ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

## ଜନ ଅଭିଯୋଗ ଶୁଣାଣୀ

ମୁଖ୍ୟମନ୍ତ୍ରୀଙ୍କର ଜନଅଭିଯୋଗ ଶୁଣାଣୀ ଆସନ୍ତା ସେପ୍ଟେମ୍ବର ୧ ସୋମବାର ଦିନ ବନ୍ଦ ରହିବ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ସଂସ୍କୃତି ଚର୍ଚ୍ଚା ସମାରୋହ

ରାଜ୍ୟ ଅଭିଲେଖାଗାରରେ ୮୬ତମ ସଂସ୍କୃତି ଚର୍ଚ୍ଚା ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍, ସ୍ତମ୍ଭକାରୀ ତଥା ଲେଖକ ପ୍ରଫେସର ଦେବେନ୍ଦ୍ରନାଥ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଅସ୍ମିତାର ବିନ୍ଧାଣି ଓ ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ହସ୍ତତନ୍ତ, ପର୍ଯ୍ୟଟନସ୍ଥଳୀର ପ୍ରଚାର ଓ ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ ।

# ବେଳାଭୂମି ଦିବସ

ସମୁଦ୍ର କୂଳର ପ୍ରାଚୁର୍ଯ୍ୟତାକୁ ଉପଭୋଗ କରିବା ଏବଂ ସମୁଦ୍ର କୂଳକୁ ପରିଷ୍କାର ରଖିବା ନେଇ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବେଳାଭୂମି ଦିବସ ପାଳନ କରାଯାଉଛି । ସମୁଦ୍ରକୂଳକୁ ସଫା ରଖିବା, ସମୁଦ୍ର କୂଳର ସଂରକ୍ଷଣ ଏବଂ ସାମୁଦ୍ରିକ ଜୀବଙ୍କର ସୁରକ୍ଷା ସମ୍ବନ୍ଧରେ କାମ କରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ଓ ସଚେତନ ସୃଷ୍ଟି କରିବା ପାଇଁ ୨୦୧୪ ମସିହାରୁ ଏହି ଦିବସ ପାଳନ କରାଯାଉଛି ।

# ସଂସଦ-ରଥଚକ

ସଂସଦର ଶୋଭା ବୃଦ୍ଧି ପାଇଁ ପୁରୀ ଗୁଣ୍ଡିଚା ଯାତ୍ରାର ଶ୍ରୀଜୀଉମାନଙ୍କ ତିନିରଥର ଚକ ଶୋଭାପାଇବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି । ପୁରୀ ଶ୍ରୀମନ୍ଦିର ଗସ୍ତ କରିବା ଅବସରରେ ଗତକାଲି ବାଚସ୍ପତି ଓମ୍ ବିର୍ଲାଙ୍କୁ ଏହି ସମ୍ବନ୍ଧରେ ଏକ ଅନୁରୋଧମୂଳକ ପ୍ରସ୍ତାବ ଦିଆଯାଇଥିଲା ।

# ଭଲିବଲ ମ୍ୟାଚ୍

ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ ଖୋର୍ଦ୍ଧା ରେଳମଣ୍ଡଳ ପକ୍ଷରୁ ଆୟୋଜିତ କ୍ରୀଡ଼ା ଦିବସରେ ଭଲିବଲ ମ୍ୟାଚ୍ ଆୟୋଜିତ ହୋଇଥିଲା । ଇ-କୋର୍ସା ଖୋର୍ଦ୍ଧାରୋଡ଼୍ ଏବଂ ନାଇଜର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମାଧ୍ୟମରେ ସୁସ୍ଥ ପ୍ରତିଯୋଗିତାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

# ଫୁଟବଲ

କନ୍ଧମାଳ ଜିଲ୍ଲାରେ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଗୁଟିଙ୍ଗିୟା ଓ ଫାବୁରିଆ ଦଳ

ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗୁଟିଙ୍ଗିୟା ଫୁଟବଲ ଦଳ' ଫାବୁରିଆ ଦଳକୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଉପକୂଳରେ ଆସନ୍ତା ମାସ ପ୍ରଥମ ସପ୍ତାହରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଦ୍ୱିତୀୟ ସପ୍ତାହ ବେଳକୁ ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଅନ୍ୟପକ୍ଷରେ ରାଜ୍ୟରେ ବର୍ତ୍ତମାନ ବର୍ଷାର ପରିମାଣ ହ୍ରାସ ପାଇଛି । ଆସନ୍ତା ସପ୍ତାହ ଶେଷସୁଦ୍ଧା ବର୍ଷାର ପରିମାଣ ବୃଦ୍ଧି ପାଇବ ।

ଚଳିତ ମାସରେ ବଙ୍ଗୋପସାଗରରେ ୩ଟି ଲଘୁଚାପ ସୃଷ୍ଟି ହୋଇଛି । ଲଘୁଚାପ ଯୋଗୁଁ ରାଜ୍ୟରେ ସ୍ୱାଭାବିକ ବର୍ଷାଠାରୁ ୩ ପ୍ରତିଶତ କମ୍ ବର୍ଷା ହୋଇଛି । ରାଜ୍ୟର ୮ଟି ଜିଲ୍ଲା ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଂଜାମ, ଖୋର୍ଦ୍ଧା, ପୁରୀ, ଯାଜପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣପାଗ ବିଭାଗ ପକ୍ଷରୁ କୁହାଯାଇଛି ।